# NATIONAL NEWS BULLETIN (ODIA)
## 3 December - 2024
## Evening Bulletin : 7.15 p.m.

***********************************

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଆଜିଠାରୁ ୫ ଦିନିଆ ଓଡ଼ିଶା ଗସ୍ତ ଆରମ୍ଭ ।

– ଆସନ୍ତାକାଲି ପୁରୀ ବେଳାଭୂମିରେ ଅନୁଷ୍ଠିତ ହେବାକୁ ଥିବା ନୌସେନା ଦିବସ ସମାରୋହରେ ଯୋଗଦେବେ ରାଷ୍ଟ୍ରପତି ।

- ବିଭିନ୍ନ ସୁଯୋଗ ସୃଷ୍ଟି କରି ଦିବ୍ୟାଙ୍ଗଜନଙ୍କ ମନୋବଳ ବୃଦ୍ଧି କରିବା ଲାଗି ସରକାର ପ୍ରତିଶ୍ରୁତିବଦ୍ଧ, କହିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- ଭାରତ ଓ ଚୀନ୍ ମଧ୍ୟରେ ଉନ୍ନତ ସମ୍ପର୍କ ପାଇଁ ସୀମା ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ବଜାୟ ରହିବା ଏକାନ୍ତ ଆବଶ୍ୟକ, କହିଲେ ବୈଦେଶିକ ମନ୍ତ୍ରୀ ।

ଏବଂ

- ଓମାନ୍ ଠାରେ ଅନୁଷ୍ଠିତ ପୁରୁଷ ହକି ଜୁନିୟର୍ ଏସିଆ କପ୍ ପ୍ରତିଯୋଗିତାର ସେମିଫାଇନାଲ୍‌ରେ ଆଜି ଭାରତ ଭେଟିବ ମାଲେସିଆକୁ ।

## ରାଷ୍ଟ୍ରପତି-ଓଡ଼ିଶା ଗସ୍ତ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ପାଞ୍ଚ ଦିନିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଭୁବନେଶ୍ୱରରେ ପହଞ୍ଚିବା ପରେ ନୀଳାଦ୍ରିବିହାରଠାରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ନୂଆ ପ୍ରତିମୂର୍ତ୍ତିର ଅନାବରଣ କରିଛନ୍ତି। ଏହାପରେ ଶ୍ରୀମତୀ ମୁର୍ମୁ ଆଦିବାସୀଙ୍କ ଇଷ୍ଟଦେବ ମାରାଙ୍ଗ ବୁରୁଙ୍କ ଦେବସ୍ଥାନ ପରିଦର୍ଶନ କରିଛନ୍ତି ।

ରାଷ୍ଟ୍ରପତି ପୁରୀ ଗସ୍ତରେ ଯାଇ ଆସନ୍ତାକାଲି ଶ୍ରୀଜଗନ୍ନାଥ ମନ୍ଦିରରେ ଦର୍ଶନ ଓ ପୂଜାର୍ଚ୍ଚନା କରିବେ। ପରେ ସେ ପୁରୀ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ୭୫ତମ ବାର୍ଷିକ ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଅପରାହ୍ନରେ ପୁରୀ ବ୍ଲୁ ଫ୍ଲାଗ୍ ବେଳାଭୂମିରେ ନୌସେନା ଦିବସ ସମାରୋହ ଓ ସମରକୌଶଳ ପ୍ରଦର୍ଶନରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗଦେବେ।

ଆସନ୍ତା ୫ ତାରିଖ ଗୁରୁବାର ଦିନ ରାଷ୍ଟ୍ରପତି ଭୁବନେଶ୍ୱର ସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ୪୦ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେବା ସହ ନ୍ୟାୟିକ ଅଦାଲତର ନୂଆ ଅଟ୍ଟାଳିକାକୁ ଉଦ୍‌ଘାଟନ କରିବେ। ୬ ତାରିଖ ଶୁକ୍ରବାର ଦିନ ସେ ମୟୂରଭଞ୍ଜ ଉପରବେଡ଼ାଠାରେ ଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କ ସହ ମତବିନିମୟ କରିବେ ଏବଂ ସେହିଦିନ ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷୟିତ୍ରୀମାନଙ୍କ ସହ କଥାହେବେ। ୭ ତାରିଖ ଶନିବାର ଦିନ ଶ୍ରୀମତୀ ମୁର୍ମୁ ବାଙ୍ଗିରିପୋଷି-ଗୋରୁମହିଷାଣୀ, ବୁରମରା-ଚକୁଳିଆ ଏବଂ ବାଦାମପାହାଡ଼-କେନ୍ଦୁଝରଗଡ଼ ରେଳଲାଇନ୍, ଆଦିବାସୀ ଗବେଷଣା ଓ ବିକାଶ କେନ୍ଦ୍ର, ଦାଣ୍ଡବୋଷ ବିମାନବନ୍ଦର ଏବଂ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ସମେତ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି।

## ପିଏମ୍-ସୁଗମ୍ୟ ଭାରତ

ଦିବ୍ୟାଙ୍ଗଜନଙ୍କ ଜୀବନଶୈଳୀରେ ସମାନତା, ସବୁ କ୍ଷେତ୍ରରେ ସେମାନଙ୍କ ପାଇଁ ବିଭିନ୍ନ ସୁଯୋଗ ସୃଷ୍ଟି କରି ସେମାନଙ୍କ ମନୋବଳ ବୃଦ୍ଧି କରିବା ଲାଗି ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୋହରାଇଛନ୍ତି । ସୁଗମ୍ୟ ଭାରତ ଅଭିଯାନର ନବମ ବର୍ଷ ପୂର୍ତ୍ତି

ଅବସରରେ ଶ୍ରୀ ମୋଦୀ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କହିଛନ୍ତି, ପାରା ଅଲିମ୍ପିକ୍ କ୍ରୀଡ଼ାରେ ଦିବ୍ୟାଙ୍ଗ ଭାଇଭଉଣୀ କ୍ରୀଡ଼ାବିତ୍‌ମାନଙ୍କର ସଫଳତାରେ ସମଗ୍ର ଦେଶ ଗର୍ବ ଅନୁଭବ କରୁଛି । ଭିନ୍ନକ୍ଷମଙ୍କ ଅଧିକାର ଆଇନ୍ ୨୦୧୬କୁ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି, ଦିବ୍ୟାଙ୍ଗମାନଙ୍କ ସଶକ୍ତିକରଣ ପାଇଁ ସରକାର ସବୁବେଳେ ପ୍ରତିଶ୍ରୁତିବଦ୍ଧ ।

## ଏଲ୍‌ଏସ୍-ଟୁ ହ୍ୱିଲର୍

ଭାରତ ଚୀନ୍‌କୁ ଅତିକ୍ରମ କରି ବିଶ୍ୱର ବୃହତ ଦୁଇ ଚକିଆ ଯାନ ବଜାରରେ ଅଗ୍ରଣୀ ଲାଭ କରିଛି । ଭାରି ଶିଳ୍ପ ମନ୍ତ୍ରୀ ଏଚ୍.ଡି. କୁମାର ସ୍ୱାମୀ ଲୋକସଭାରେ ଏକ ଲିଖିତ ଉତ୍ତରରେ କହିଛନ୍ତି, ୨୦୨୩ ମସିହାରେ ଭାରତୀୟ ଅଟୋମୋବାଇଲ୍ ନିର୍ମାଣକାରୀ ସଂଗଠନର ରିପୋର୍ଟ ଅନୁସାରେ ୨୦୨୩ ମସିହାରେ ଚୀନ୍‌ରେ ୧୬ ଦଶମିକ୍ ୬ ମିଲିୟନ୍ ୟୁନିଟ୍ ଦୁଇ ଚକିଆ ଯାନ ବିକ୍ରି ହୋଇଥିବା ବେଳେ ଭାରତରେ ୧୭ ମିଲିୟନ୍‌ରୁ ଅଧିକ ଦୁଇ ଚକିଆ ଯାନ ବିକ୍ରି ହୋଇଥିଲା ।

ଅନ୍ୟ ଏକ ପ୍ରଶ୍ନର ଉତ୍ତର ଦେଇ ଗୃହରେ ମନ୍ତ୍ରୀ କହିଛନ୍ତି, ୨୦୨୩-୨୪ ଆର୍ଥିକ ବର୍ଷରେ ଦେଶରେ ୯ଲକ୍ଷ ୫୦ ହଜାର ଦୁଇ ଚକିଆ ଇଲେକ୍ଟ୍ରିକ୍ ଯାନ ନିର୍ମାଣ ହୋଇଛି ।  ସେହିପରି ୯୨ ହଜାରରୁ ଉର୍ଦ୍ଧ୍ୱ ଇଲେକ୍ଟ୍ରିକ୍ ଯାତ୍ରୀବାହି ଯାନ ଏବଂ ପ୍ରାୟ ୬ ଲକ୍ଷ ୩୩ ହଜାର ୩ ଚକିଆ

ଇଲେକ୍ଟ୍ରିକ୍ ଯାନ ସେହି ବର୍ଷ  ନିର୍ମାଣ ହୋଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି ।

## ଆର୍ଏସ୍-ଅଏଲ୍ ଫିଲ୍ଡ

ରାଜ୍ୟସଭାରେ ଆଜି ଅଏଲ୍ ଫିଲ୍ଡ ରେଗୁଲେସନ୍ ଆଣ୍ଡ ଡେଭଲପ୍‌ମେଣ୍ଟ ସଂଶୋଧନ ବିଲ୍ ୨୦୨୪ ପାରିତ ହୋଇଛି ।  ଅଏଲ୍ ଫିଲ୍ଡ ରେଗୁଲେସନ୍ ଆଣ୍ଡ ଡେଭଲପ୍‌ମେଣ୍ଟ ଆକ୍ଟ ୧୯୪୮କୁ ଏହି ବିଲ୍‌ରେ ସଂଶୋଧନ କରାଯାଇଛି । ଏହି ସଂଶୋଧିତ ବିଲ୍‌ରେ ମିନେରାଲ୍ ଅଏଲ୍‌ର ସଂଜ୍ଞାକୁ ସଂପ୍ରସାରିତ କରାଯାଇ ଏଥିରେ ହାଇଡ୍ରୋ କାର୍ବନ କୋଲ୍ ବେଡ୍ ମିଥେନ୍ ଏବଂ ସେଲ୍ ଗ୍ୟାସ୍‌କୁ ଅନ୍ତର୍ଭୁକ୍ତ କରାଯାଇଛି । ମିନେରାଲ୍ ଅଏଲ୍‌ରେ କୋଇଲା, ଲିଗ୍‌ନାଇଟ୍ କିମ୍ବା ହିଲିୟମ୍‌କୁ ଅନ୍ତର୍ଭୁକ୍ତ କରାଯାଇ ନାହିଁ ବୋଲି ଏଥିରେ ସ୍ପଷ୍ଟ କରାଯାଇଛି ।

ବିଲ୍ ଉପରେ ହୋଇଥିବା ବିତର୍କରେ ଭାଗ ନେଇ ପେଟ୍ରୋଲିୟମ୍ ଏବଂ ପାକୃତିକ ଗ୍ୟାସ୍ ମନ୍ତ୍ରୀ ହରଦୀପ ସିଂହ ପୁରୀ କହିଛନ୍ତି, ଏହି ବିଲ୍ ନୀତିନିର୍ଦ୍ଧାରଣକୁ ନିଶ୍ଚିତ କରିବା ସହ ଭିତ୍ତିଭୂମି ଆବଣ୍ଟନ ଏବଂ ବିଭିନ୍ନ ବିବାଦର ସହଜ ସମାଧାନର ପନ୍ଥା ନିର୍ଦ୍ଧାରଣ କରିଛି । ସେ କହିଛନ୍ତି, ଏହି ବିଲ୍‌ରେ କେବଳ ଶବ୍ଦାବଳୀର ପରିବର୍ତ୍ତନ କରାଯାଇଛି । ତେବେ ଏଥିରେ କୌଣସି ରାଜ୍ୟର ଅଧିକାର କ୍ଷୁର୍ଣ୍ଣ ହେବ ନାହିଁ । ମନ୍ତ୍ରୀ କହିଛନ୍ତି, ପ୍ରତ୍ୟେକ

ଦିନ ଭାରତ ୫ ମିଲିୟନ୍ ବ୍ୟାରେଲ୍ ତୈଳ ଆମଦାନୀ କରେ ଦେଶର ଅଭିବୃଦ୍ଧି ସହିତ ତୈଳ ଆମଦାନୀ ବୃଦ୍ଧି ପାଇବ । ସେ କହିଛନ୍ତି, ଭାରତରେ ତୈଳ ଦର ଗତ ତିନି ବର୍ଷ ଧରି ହ୍ରାସ ପାଇ ଆସୁଛି । ଏହି ବିଲ୍ ସଂଶୋଧିତ ହେବା ଦ୍ୱାରା ତୈଳ ଏବଂ ଗ୍ୟାସ୍ କ୍ଷେତ୍ରରେ ବ୍ୟବସାୟ ସହଜ ହେବ ବୋଲି ଶ୍ରୀ ପୁରୀ କହିଛନ୍ତି । ବିଜେପି ସାଂସଦ ଚୁନିଲାଲ ଗରାସିଆ ଏହି ବିଲ୍‌କୁ ସମର୍ଥନ କରିଥିବା ବେଳେ କଂଗ୍ରେସ ସାଂସଦ ଶକ୍ତି ସିଂହ ଗୋହିଲ ଏହାକୁ ସମାଲୋଚନା କରିଛନ୍ତି ।

## ଜୟଶଙ୍କର

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର  କହିଛନ୍ତି, ଭାରତ ଓ ଚୀନ୍ ମଧ୍ୟରେ ସମ୍ପର୍କକୁ ଉନ୍ନତ କରିବାକୁ ହେଲେ ସୀମା ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ପ୍ରାଥମିକ ଆବଶ୍ୟକତା । ଉଭୟ ଦେଶ ମଧ୍ୟରେ ସୀମାବର୍ତ୍ତୀ ଅଞ୍ଚଳରେ ଉତ୍ତେଜନା ହ୍ରାସ କରିବା ଦିଗରେ ନିଆଯିବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଗାମୀ ଦିନରେ ଆଲୋଚନା ହେବ ବୋଲି ସେ କହିଛନ୍ତି । ଆଜି ଲୋକସଭାରେ ଭାରତ ଓ ଚୀନ୍ ସମ୍ପର୍କକୁ ନେଇ ସେ କହିଛନ୍ତି, ଉଭୟ ଦେଶ କ୍ରମାଗତ କୂଟନୈତିକ ଆଦାନପ୍ରଦାନ ମାଧ୍ୟମରେ ଆଗକୁ ବଢ଼ୁଛନ୍ତି ।

ପୂର୍ବ ଲଦାଖରେ ୨୦୨୦ ଏପ୍ରିଲ୍ ଓ ମେ ମାସରେ ଉଭୟ ଦେଶର ସେନା ବାହିନୀ ମଧ୍ୟରେ ଦେଖାଦେଇଥିବା ସଂଘର୍ଷ ଯୋଗୁଁ ଦୁଇ ଦେଶର ସମ୍ପର୍କ ଖରାପ ହୋଇଥିଲା । ଏହି ଘଟଣା ପରେ ସୀମା ଅଞ୍ଚଳରେ ପଇଁତାର କାର୍ଯ୍ୟକ୍ରମ ବାଧାପ୍ରାପ୍ତ ହୋଇଥିଲା । ଦେଶରେ କୋଭିଡ୍ ପରିସ୍ଥିତି ସମୟରେ ସୀମାବର୍ତ୍ତୀ ଅଞ୍ଚଳରେ ପରିବହନ କ୍ଷେତ୍ରରେ ଆହ୍ୱାନ ଥିଲେ ମଧ୍ୟ ସେନାବାହିନୀ ଅପୂର୍ବ ସାହସିକତା ପ୍ରଦର୍ଶନ କରି ଚୀନ୍ ସେନାର ଉଚିତ୍ ମୁକାବିଲା କରିଥିଲେ ।  ପୂର୍ବ ଲଦାଖ ଅଞ୍ଚଳରେ ଏବେ ଶାନ୍ତି ଓ ସ୍ଥିରତା ରହିଛି । ୧୯୬୨ ମସିହା ସଂଘର୍ଷ ପରେ ଚୀନ୍ ବେଆଇନ୍ ଭାବେ ଅକ୍ସାଇ ଅଞ୍ଚଳରେ ୩୮ ହଜାର ବର୍ଗ କିଲୋମିଟର ଭାରତୀୟ ଜମି ଦଖଲ କରିଛି । ୧୯୪୮ ମସିହାରୁ ପାକିସ୍ତାନ ଅଧିକାରରେ ଥିବା ୫ ହଜାର ୧୮୦ ବର୍ଗ କିଲୋମିଟର ଭାରତୀୟ ଜମିକୁ ପାକିସ୍ତାନ ଚୀନ୍‌କୁ ହସ୍ତାନ୍ତର କରିଥିବା ଡକ୍ଟର ଜୟଶଙ୍କର କହିଛନ୍ତି ।

ଭାରତ ଓ ଚୀନ୍ ମଧ୍ୟରେ ଗତ କେତେ ଦଶନ୍ଧି ଧରି ସୀମା ବିବାଦ ସମ୍ପର୍କରେ ବହୁବାର ଆଲୋଚନା ହୋଇଛି । ସୀମାବର୍ତ୍ତୀ ଅଞ୍ଚଳରେ ମୌଳିକ ଭିତ୍ତିଭୂମିକୁ ବିକାଶ କରିବା କ୍ଷେତ୍ରରେ ତାଙ୍କ ସରକାର ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଡକ୍ଟର ଜୟଶଙ୍କର କହିଛନ୍ତି । ଲଦାଖର ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ ରାସ୍ତା ନିର୍ମାଣ ସହ ବିମାନ ବନ୍ଦର କାର୍ଯ୍ୟ ଜାରି

ରହିଛି । ସୀମାବର୍ତ୍ତୀ ଅଞ୍ଚଳରେ  ଶାନ୍ତି ଓ ସ୍ଥିରତା ବଜାୟ ରଖିବା କ୍ଷେତ୍ରରେ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି ।

# ମହାରାଷ୍ଟ୍ର-ବିଜେପି

ମହାରାଷ୍ଟ୍ରରେ ନବନିର୍ବାଚିତ ମହାୟୁତି ସରକାରଙ୍କ ଶପଥପାଠ ସମାରୋହ ପୂର୍ବରୁ ଭାରତୀୟ ଜନତାପାର୍ଟିର ନେତୃମଣ୍ଡଳୀ ଆଜି ମୁମ୍ବାଇରେ ଏକ ବୈଠକ କରିଛନ୍ତି । ମହାରାଷ୍ଟ୍ରରେ କିଏ ମୁଖ୍ୟମନ୍ତ୍ରୀ ହେବେ ସେ ନେଇ ଚିତ୍ର ସ୍ୱଷ୍ଟ ହୋଇ ନ ଥିଲେ ମଧ୍ୟ ବିଜେପି ରାଜ୍ୟ ମୁଖ୍ୟ ଚନ୍ଦ୍ର ଶେଖର ବଓ୍ୱାନକୁଲେ ଶପଥପାଠ ସମାରୋହ ପ୍ରସ୍ତୁତିର ସମୀକ୍ଷା କରିଥିଲେ । ଏହି ବୈଠକରେ ବିଧାୟକ ଆଶିଶ ସେଲାର, ପ୍ରବୀନ ଦାରେକର, ପ୍ରସାଦ ଲାଡ୍‌ଙ୍କ ସମେତ ଅନ୍ୟାନ୍ୟ ବିଧାୟକମାନେ ଉପସ୍ଥିତ ଥିଲେ । ମହାରାଷ୍ଟ୍ରରେ ନୂତନ ସରକାର  ଆସନ୍ତା ଗୁରୁବାର ଅପରାହ୍ଣ ୫ଟା ବେଳେ ମୁମ୍ବାଇର ଆଜାଦ୍ ମଇଦାନରେ ଶପଥଗ୍ରହଣ କରିବେ । ଏହି ସମାରୋହକୁ କେନ୍ଦ୍ର ମନ୍ତ୍ରୀ, ଏନ୍.ଡି.ଏ. ଶାସିତ ବିଭିନ୍ନ ରାଜ୍ୟର ରାଜ୍ୟପାଳ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ଏବଂ ବରିଷ୍ଠ ଦଳୀୟ ନେତାଙ୍କୁ ନିମନ୍ତ୍ରଣ କରାଯାଇଛି ।

# ଜେକେ-ଏନ୍‌କାଉଣ୍ଟର

ଜାମ୍ମୁ ଓ କାଶ୍ମୀରର ଶ୍ରୀନଗର ଉପକଣ୍ଠରେ ଥିବା ଦଚିଗାମ୍ ଜଙ୍ଗଲରେ ଦୁର୍ଦ୍ଦଶ ଆତଙ୍କବାଦୀ କମାଣ୍ଡରର ଏନ୍‌କାଉଣ୍ଟରରେ ପ୍ରାଣହାନୀ ଘଟିଛି । ଏହି ମୃତ ଆତଙ୍କବାଦୀର ନାଁ ଜୁନେଦ୍ ଅହମ୍ମଦ ଭଟ୍ଟ ବୋଲି ପୁଲିସ୍ ସୂତ୍ରରୁ ନିଶ୍ଚିତ କରାଯାଇଛି । ଲସ୍କର-ଇ-ତଏବା ଆତଙ୍କବାଦୀ ସଂଗଠନର ଅହମ୍ମଦ ଭଟ୍ଟ ଓ ପୁଲିସ୍ ମଧ୍ୟରେ ଗୁଳି ବିନିମୟ ଘଟି ତାର ମୃତ୍ୟୁ ହୋଇଛି ।

ସୂଚନା ଯୋଗ୍ୟ କେନ୍ଦ୍ରୀୟ କାଶ୍ମୀରର ଗନ୍ଦେରୱାଲ୍ ଜିଲ୍ଲାର ଗଗନଗିର୍ ସୋନମାର୍ଗ ଅଞ୍ଚଳରେ ନିର୍ମାଣାଧୀନ ଏକ ଟନେଲ୍‌ଠାରେ ଗତ ଅକ୍ଟୋବର ୨୦ ତାରିଖରେ ଘଟିଥିବା ଏକ ଆତଙ୍କୀ ଆକ୍ରମଣରେ ତାର ହାତ ଥିବା ପୁଲିସ୍ କହିଛି, ଯେଉଁ ଘଟଣାରେ ୬ ଜଣ ନିରିହ ସ୍ଥାନୀୟ ଶ୍ରମିକ ଏବଂ ଜଣେ ଡାକ୍ତରଙ୍କୁ ହତ୍ୟା କରାଯାଇଥିଲା । ଦଚିଗମ୍ ଜଙ୍ଗଲରେ ଗତ ବିଳମ୍ବିତ ରାତିରେ ଗୁଇନ୍ଦା ସୂତ୍ରରୁ ଖବର ପାଇ ନିରାପତ୍ତା ବାହିନୀ ଏବଂ ପୁଲିସ୍ ପକ୍ଷରୁ ତଲାସି ଅଭିଯାନ କରାଯାଇଥିଲା । ଯେଉଁଥିରେ ତାର ମୃତ୍ୟୁ ଘଟିଥିଲା ।

# ହକି-ଜୁନିୟର ଏସିଆ କପ୍

ଓମାନର ମାସ୍କଟ୍ ହକି ଷ୍ଟାଡିୟମ୍ ଠାରେ ପୁରୁଷ ହକି ଜୁନିୟର୍ ଏସିଆକପ୍ ୨୦୨୪ ପ୍ରତିଯୋଗିତାର ସେମିଫାଇନାଲ୍‌ରେ ଭାରତ ଓ ମାଲେସିଆ ମଧ୍ୟରେ ଆଜି ରାତି ସାଢ଼େ ୮ଟାରେ ଆରମ୍ଭ ହେବ । ପୁଲ୍-ଏରେ ଭାରତ ଶୀର୍ଷ ସ୍ଥାନରେ ରହିଥିବା ବେଳେ ଗତ ରବିବାର ଦିନ ଅନୁଷ୍ଠିତ ଏକ ମ୍ୟାଚ୍‌ରେ ଭାରତ ଦକ୍ଷିଣ କୋରିଆକୁ ୮-୧ ଗୋଲ୍‌ରେ ପରାସ୍ତ କରିଥିଲା । ଭାରତ ପକ୍ଷରୁ ଅର୍ଶଦୀପ ସିଂହ ତିନୋଟି ଗୋଲ୍ ଦେଇ ହ୍ୟାଟ୍ରିକ୍ ହାସଲ କରିଥିବା ବେଳେ ଅରଜିତ ସିଂହ ହୁନ୍ଦଲ ଦୁଇଟି ଗୋଲ୍ ଦେଇଥିଲେ ।

ଅନ୍ୟ ଏକ ସେମିଫାଇନାଲ୍ ମ୍ୟାଚ୍‌ରେ ପାକିସ୍ତାନ ଏବଂ ଜାପାନ ମଧ୍ୟରେ ମୁକାବିଲା ଚାଲିଛି । ଫାଇନାଲ୍ ମ୍ୟାଚ୍ ଆସନ୍ତାକାଲି ଖେଳାଯିବ ।